
ଶ୍ରୀନିଧି ଡେକାନ୍ ଏଫ୍‌ସି ତେଲଙ୍ଗାନା ଓ ଦିଲ୍ଲୀ ଏଫ୍‌ସି ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଉଛି।


ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆ ଓ ଗୋକୁଲମ୍ ଏଫ୍‌ସି କେରଳ ଟିମ୍ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ।



ଗୋଆ ଦଳର ଗୋଲ କିପର ନୋରା ଫର୍ନାଡିସ୍‌ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଉଛି।

# ୨୬ ବର୍ଷ ପରେ ଜାତୀୟସ୍ତରୀୟ ମ୍ୟାଚ


ସ୍କୁଲ ଛାତ୍ରୀମାନେ ଖେଳ ଦେଖୁଛନ୍ତି।

**ଅନୁଗୋଳ ଅଫିସ, ୪।୧୧**

■ଫୁଟ୍‌ବଲପ୍ରେମୀ, ଅନୁଗୋଳ ଜିଲା ଖେଳାଳିଙ୍କ ମଧ୍ୟରେ ଉତ୍ସାହ

■ବିଦେଶୀ ଖେଳାଳିଙ୍କ ସହ ସେଲ୍‌ଫି ନେବାକୁ ଭିଡ଼

ଦୀର୍ଘ ୨୬ ବର୍ଷ ପରେ ଅନୁଗୋଳ ଦେଖିଛି ଜାତୀୟସ୍ତରୀୟ ମ୍ୟାଚ। ସହରର କଦମ ପଡ଼ିଆରେ ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୩ କ୍ୱାର୍ଟର ଫାଇନାଲ ମ୍ୟାଚ ଦେଖିବାକୁ ଶୁକ୍ରବାର ଖେଳପ୍ରେମୀଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଅନେକ ବିଦେଶୀ ଖେଳାଳି ଆସିଥିବାରୁ ସେମାନଙ୍କ ଖେଳ ଦେଖିବାକୁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଯାଇଥିଲା। ରବିବାର ଏଠାରେ ୨ଟି ସେମିଫାଇନାଲ ମ୍ୟାଚ୍ ଖେଳାଯିବାକୁ ଥିବାରୁ ଦର୍ଶକଙ୍କ ମଧ୍ୟରେ ଅଧିକ ଉତ୍କଣ୍ଠା ଥିବା ବାରିହୋଇପଡ଼ିଛି।

ଅନୁଗୋଳରେ ପୂର୍ବରୁ ୧୯୯୪ ମସିହାରେ ସନ୍ତୋଷ ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ତ୍ରିପୁରା, ଆଣ୍ଡାମାନ, ଆସାମର ଖେଳାଳିଙ୍କୁ ଅନୁଗୋଳବାସୀ ଦେଖିଥିଲେ। ସେହିପରି ୧୯୯୬ରେ କଦମ ପଡ଼ିଆରେ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଦେଖିବାକୁ ମିଳିଥିଲା। ଏଥିରେ କୋଲକାତା ଓ ତାମିଲନାଡୁ ଟିମ୍‌ର ପେସାଦାର ଖେଳାଳିମାନଙ୍କୁ ଦେଖିବାକୁ ମିଳିଥିଲା। ହେଲେ ଏହାପରଠାରୁ ଆଉ ଜାତୀୟସ୍ତରୀୟ ମ୍ୟାଚ ଆୟୋଜିତ ହୋଇ ନ ଥିଲା। ତେଣୁ ସର୍ବଭାରତୀୟ ଫୁଟ୍‌ବଲ ସଂଘ ସହଯୋଗରେ ତଥା ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବାଜି ରାଉତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଦେଶର ୬ଟି ଛାମୁଆ ଦଳ ମଧ୍ୟରେ ମ୍ୟାଚ ଖେଳାଯାଉଥିବାରୁ ଶୁକ୍ରବାର କଦମ ପଡ଼ିଆ ଚର୍ତୁପାର୍ଶ୍ୱରେ ଦର୍ଶକଙ୍କ ସଂଖ୍ୟା ବେଶ୍ ବଢ଼ିଯାଇଥିଲା। ସହରବାସୀ, ଫୁଟବଲପ୍ରେମୀ, ଛାତ୍ରୀଛାତ୍ରମାନେ ଖରାରେ ନିଜେ ସିଝିଯାଉଥିଲେ ମଧ୍ୟ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ସେମାନେ ଆଦୌ ଭୁଲି ନ ଥିଲେ। ଗୋଲ ପୋଷ୍ଟ ପାଖକୁ ବଲ୍ ଯିବାମାତ୍ରେ ଦର୍ଶକମାନେ ଚେୟାରରୁ ଉଠିପଡୁଥିଲେ। ଏ ନେଇ ଜିଲାର ପୂର୍ବତନ ଫୁଟବଲ ଖେଳାଳି ତଥା ଅନୁଗୋଳ ବାଜି ରାଉତ କପ୍ କମିଟି ସଭାପତି ବସନ୍ତ ଦାସ କହିଛନ୍ତି, ଦେଶର ବଛା ବଛା କ୍ଲବର ପେସାଦାର ଖେଳାଳିମାନେ ଏହି ମ୍ୟାଚ ଖେଳିଥିବାରୁ ସେମାନଙ୍କ ଠାରୁ ଅନୁଗୋଳର ଖେଳାଳି ଅନେକ କିଛି କୌଶଳ ଶିଖି ପାରିଛନ୍ତି। ସେହିପରି ପ୍ରତିଯୋଗିତା ପରେ ବିଦେଶୀ ଖେଳାଳିମାନଙ୍କ ସହ ସେଲ୍‌ଫି ନେବାକୁ ଓ ସେମାନଙ୍କଠାରୁ ଅଟୋଗ୍ରାଫ୍ ନେବାକୁ ଯୁବିପିଢ଼ିଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା। ଆସନ୍ତା ରବିବାର କଦମ ପଡ଼ିଆରେ ମୁମ୍ବାଇ ଏଫ୍‌ସି ଓ ଚର୍ଚ୍ଚିଲ ବ୍ରଦର୍ସ ଗୋଆ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ଶ୍ରୀନିଧି ଡେକାନ୍ ଏଫ୍‌ସି ତେଲଙ୍ଗାନା ଓ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି କ୍ୱାର୍ଟରଫାଇନାଲ ମ୍ୟାଚ୍ ବେଳେ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରଜନୀକାନ୍ତ ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଅନୁଗୋଳ ଥାନା ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ, ଅନୁଗୋଳ ପୌର ଉପାଧ୍ୟକ୍ଷା ଅନୁପମା ସାହୁ, ଅନୁଗୋଳ ଜିଲା କ୍ରିକେଟ୍ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ରବିବାର ସର୍ବଭାରତୀୟ ଫୁଟବଲ ସଂଘ (ଏଆଇଏଫ୍ଏଫ୍) ସଭାପତି କଲ୍ୟାଣ ଚୌବେ ପାଲଲହଡ଼ା ଷ୍ଟାଡିୟମଠାରେ ଫୁଟବଲ କ୍ଲବର ସଦସ୍ୟଙ୍କ ସହ ଭାବ ବିନିମୟ କରିବେ। ଏଥିସହ ଫୁଟବଲ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି।


ଜଣେ ଫୁଟ୍‌ବଲ ପ୍ରେମୀ ଖେଳାଳିଙ୍କଠାରୁ ଅଟୋଗ୍ରାଫ୍ ନେଉଛନ୍ତି।



ଉପସ୍ଥାପିକା ତଥା ଅଭିନେତ୍ରୀ ଶୋଭନା ମିଶ୍ର।


ଖେଳାଳିଙ୍କ ସହ ସେଲ୍‌ଫି ନେଉଛନ୍ତି ଜଣେ ଫୁଟ୍‌ବଲପ୍ରେମୀ।



ଅନୁଗୋଳ କଦମ ପଡ଼ିଆଠାରେ ବାଜି ରାଉତ କପ୍ ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ବେଳେ ମଞ୍ଚାସୀନ ଅତିଥିମାନେ।


ଫୁଟବଲ ଟୁର୍ନାମେଣ୍ଟ ବେଳେ ଖେଳ ଦେଖିବାକୁ ସହରବାସୀଙ୍କ ଭିଡ଼। (ଫଟୋ- ବୁବୁ)

# କୃଷିଋଣ ଛାଡ଼, ପେନ୍‌ସନ ଦାବି


ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ଆଠମଲ୍ଲିକ, ୪।୧୧ (ଡି.ଏନ.ଏ.)**

ଓଡ଼ିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା ପକ୍ଷରୁ ଶୁକ୍ରବାର ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ୧୨ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପ୍ରଶାସନକୁ ପ୍ରଦାନ କରାଯାଇଛି। ମୁଖ୍ୟତଃ ଚାଷୀଙ୍କ ଋଣ ସମ୍ପୂର୍ଣ୍ଣ ଛାଡ଼, ପେନସନ ଲାଗୁ କରିବା, ପ୍ରାଣୀଧନ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି, ଧାନର ଏମ୍ଏସ୍‌ପି ମୂଲ୍ୟ ୨୯୩୦ ଟଙ୍କା କରାଯିବା, ବନ୍ୟଜନ୍ତୁ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ ୨ ମାସ ଭିତରେ କ୍ଷତିପୂରଣ ଦେବା, ଧାନ ମଣ୍ଡିରେ କଟନି – ଛଟନି ବନ୍ଦ କରିବା, ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ ଯୋଗାଇଦେବା, ମାନଜୋର ଜଳସେଚନ ପ୍ରକଳ୍ପର କେନାଲ କାମକୁ ମାଣତ୍ରୀ ଠାରୁ ହରିଡ଼ା କୋଠା ପର୍ଯ୍ୟନ୍ତ ସମ୍ପ୍ରସାରଣ ଶୀଘ୍ର ସାରିବା, ଧଉରାଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ଆଦି ଦାବି କରାଯାଇଛି। କୃଷକ ନେତା ତଥା ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଶତାଧିକ ଚାଷୀ ସ୍ଥାନୀୟ ଖେଳ ପଡିଆରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୃଷକ ମହାସଂଘ ସଭାପତି ଦେବେନ୍ଦ୍ର କୁମାର ପ୍ରଧାନ, କୃଷକ ନେତା ପୀତାମ୍ବର ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନ, ମିଳନ ବିଶ୍ୱାଳ, ସଚି ପ୍ରଧାନ, ବୁଡି ଅଞ୍ଚଳର ବିସ୍ଥାପିତ ମହିଳା ଲୀଳାବତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଅନ୍ୟମାନେ।

**ପାଲଲହଡ଼ା,୪।୧୧(ଡି.ଏନ.ଏ.)**

ପାଲଲହଡ଼ା ଉପଖଣ୍ଡରେ ବିଭିନ୍ନ ପ୍ରକଳ୍ପର ନିର୍ମାଣ ତଥା ଉନ୍ନତୀକରଣ ପାଇଁ ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରଥମେ ସୁବର୍ଣ୍ଣପାଲିଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପୂର୍ତ୍ତ ବିଭାଗ ଦ୍ୱାରା ହେବାକୁ ଥିବା ଉନ୍ନତୀକରଣ ପାଇଁ ୮୯ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ସୁମନ ଏକ୍କାଙ୍କ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ମାଲ୍ୟଗିରି ପାଦଦେଶରେ ଥିବା ବାବା ଗିରିଶ୍ୱରଙ୍କ ପୀଠକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୩.୭୯ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ବିଧାୟକ କରିଥିଲେ। ଏହି ଉତ୍ସବରେ ପୂର୍ତ୍ତବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଝାରବେଡା ଓ ନମପଶି ପଞ୍ଚାୟତରେ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ତଦାରଖ କରିବା ସହିତ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧକ୍ଷା ରିନାରାଣୀ ନାଏକ, ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝି, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ ପ୍ରମୁଖ ଯୋଗଦେଇଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ

■ବଇଣ୍ଡାରେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ

■ମଞ୍ଚ ଦୁଲୁକାଇଲେ କୁନି କଳାକାର

■୯ ତାରିଖରେ ହେବ ଭସାଣି ଶୋଭାଯାତ୍ରା

**ବଇଣ୍ଡା, ୪।୧୧ (ଡି.ଏନ.ଏ.)**



ପରମ୍ପରା ଅନୁଯାୟୀ ପଞ୍ଚକରୁ ଆରମ୍ଭ ହୋଇଛି ପୂଜା। ମଣ୍ଡପରେ ବିରାଜମାନ କରିଛନ୍ତି ପ୍ରଭୁ କାର୍ତ୍ତିକେଶ୍ୱର। ଏହାକୁ ନେଇ ଉତ୍ସବମୁଖର ହୋଇପଡ଼ିଛି ଅନୁଗୋଳ ଜିଲା କିଶୋରନଗର ବ୍ଲକର ବଇଣ୍ଡା ଅଞ୍ଚଳ। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଏଠାରେ ପୂଜା ଅନୁଷ୍ଠିତ ହେବ। ୯ ତାରିଖରେ ଧୁମ୍‌ଧାମରେ ଭସାଣି କରାଯିବ। ତେବେ ପ୍ରଥମ ଦିନରୁ ହିଁ ଆକର୍ଷଣ ସାଜିଛି ସାଂସ୍କୃତିକ କାର୍ଯ୍ୟକ୍ରମ। କୁନି କୁନି କଳାକାରମାନଙ୍କ ନୃତ୍ୟ ଦେଖିବାକୁ ମଣ୍ଡପ ନିକଟରେ ଲାଗୁଛି ଭିଡ଼।

୬୩ ବର୍ଷରେ ପହଞ୍ଚିଛି ବଇଣ୍ଡାର କାର୍ତ୍ତିକେଶ୍ୱର ପୂଜା। କରୋନା ପାଇଁ ଗତ ୨ ବର୍ଷ ହେଲା ଏହା ନିରାଡ଼ମ୍ବର ରହିଥିବାବେଳେ ଚଳିତବର୍ଷ ବେଶ୍ ଆଡ଼ମ୍ବରରେ କରାଯାଇଛି ଆୟୋଜନ। ଲକ୍ଷାଧିକ ଟଙ୍କା ବ୍ୟୟରେ ଆକର୍ଷଣୀୟ ମଣ୍ଡପ, ଆଲୋକ ସାଜସଜ୍ଜା କରାଯାଇଛି। ଗୁରୁବାର କଳସ ଶୋଭାଯାତ୍ରା ପରେ ଶୁକ୍ରବାର ପୂଜକ ବସନ୍ତ କୁମାର ମିଶ୍ର ପ୍ରଥମେ ସୂର୍ଯ୍ୟ ପୂଜା କରିଥିଲେ। ଏହାପରେ ବିଧିବଦ୍ଧ ଭାବେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଥିଲା। ପୂଜା କମିଟି ପକ୍ଷରୁ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କମିଟି ସଦସ୍ୟ ଚିନ୍ତାମଣି ସାହୁଙ୍କ ଅଧକ୍ଷତାରେ ଏହି ସଭାରେ ଅତିଥି ଭାବେ ପୁରୋଧା ତ୍ରିଲୋଚନ ସାହୁ, ଶଙ୍କର୍ଷଣ ମାଝି, ସୁଧାକର ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ବିରଞ୍ଚି ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ପୂଜା କମିଟି ସଭାପତି ଜିତେନ୍ଦ୍ର କୁମାର ବେହେରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତେବେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ର ଭାଗନେଇ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ପୂଜାର ଦ୍ୱିତୀୟ ଦିବସରେ ମଧ୍ୟ କୁନି କଳାକାରଙ୍କ ଦ୍ୱାରା ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ସମ୍ବଲପୁର ଅଞ୍ଚଳ ମେଲୋଡି ଗ୍ରୁପ ଆସିବାକୁ ଥିବାରୁ ଏହା ମଧ୍ୟ ପ୍ରମୁଖ ଆର୍ଷଣ ସାଜିବ।

### ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି



୨ ବର୍ଷ ପରେ ଧୁମଧାମରେ ପୂଜା ପାଳନ ହେଉଥିବାରୁ ଆନନ୍ଦ ଲାଗୁଛି। ବିଶେଷକରି ପିଲାମାନଙ୍କୁ ନେଇ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ୍ ଆକର୍ଷଣୀୟ ହେଉଛି। ସେହିପରି ପଞ୍ଚକ ସହ ଏହି ପୂଜା ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିଛି।

-ଜ୍ୟୋତ୍ସ୍ନାମୟୀ ପ୍ରଧାନ, ବଇଣ୍ଡା

### ଧର୍ମଚର୍ଚ୍ଚା ଶୁଣିବାକୁ ପରିବାର ସହ ଯାଉଛୁ



ପବିତ୍ର କାର୍ତ୍ତିକ ମାସରେ ପୂଜା ହେଉଥିବା ବେଳେ ଧର୍ମଚର୍ଚ୍ଚା ଶୁଣିବାକୁ ଭଲ ଲାଗୁଛି। ତେଣୁ ପରିବାର ସହ ମଣ୍ଡପ ନିକଟକୁ ଯାଇ ପୂଜା ଦେଖୁଛୁ। ଧୁମ୍‌ଧାମରେ କାର୍ତ୍ତିକେଶ୍ୱର ପୂଜା ଆୟୋଜନ ବଇଣ୍ଡାରେ ନୂଆ ଉତ୍ସାହ ସୃଷ୍ଟି କରିଛି।

-ବିନୋଦିନୀ ପ୍ରଧାନ, ବଇଣ୍ଡା

### ପ୍ରଥମ ଦିନରୁ ଗହଳି



ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରାଯିବାକୁ ଯୋଜନା ଥିଲା। ତେଣୁ ସାଜସଜ୍ଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଜୋର୍ ଦିଆଯାଇଛି। ତେଣୁ ପ୍ରଥମ ଦିନରୁ ହିଁ ପୂଜା ମଣ୍ଡପ ନିକଟରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି।

-ଉଗ୍ରସେନ ସେଠୀ, ପୂଜା କମିଟି ସଦସ୍ୟ





